ଓଏସଓୟୁର ସମାବର୍ତ୍ତନ ଉତ୍ସବ

'ମୁକ୍ତ ଶିକ୍ଷା ଏକଲବ୍ୟ ଓ ଅର୍ଜୁନଙ୍କୁ ସମତୁଲ କରିଛି'

ସମ୍ବଲପୁର,୨୯।୧୧(ନି.ପ୍ର): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସଓୟୁ)ର ତୃତୀୟ ସମାବର୍ତ୍ତନ ସମାରୋହ ସ୍ଥାନୀୟ ତପସ୍ୱିନୀ ଜିଲା ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। କୁଳାଧିପତି ପ୍ରଫେସର ଗଣେଶୀ ଲାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଅହମଦାବାଦର ଡ.ବାବାସାହେବ ଆମ୍ବେଦକର ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏ.ୟୁ ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁକ୍ତ ଶିକ୍ଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ମହାଭାରତ କାଳରେ ଏକଲବ୍ୟ ମୁକ୍ତ ଓ ଦୂରତ୍ୱ ଶିକ୍ଷା ଗ୍ରହଣ କରିବାରେ ପ୍ରଥମ ଛାତ୍ର ବୋଲି ବର୍ଣ୍ଣନା କରି ଆଜିର ମୁକ୍ତ ବିଦ୍ୟାଳୟ ନିୟମିତ ଶ୍ରେଣୀ କକ୍ଷରେ ଅଧ୍ୟୟନ କରି ଅଗ୍ରଣୀ ଶିକ୍ଷା ହାସଲ କରିଥିବା ଅର୍ଜୁନ ସହିତ ଏକଲବ୍ୟକୁ ସମତୁଳ କରିଛି ବୋଲି କହିଥିଲେ। ଜୀବନରେ ସଂଘର୍ଷ କରିବା ଓ ଆହ୍ୱାନକୁ ସ୍ୱୀକାର କରିବା ନିତାନ୍ତ ଆବଶ୍ୟକ। ଅନ୍ୟ କାହାଘରୁ ଦୀପ କିଛି ସମୟ ପାଇଁ ଧାର ଆଣି ମୋ ଘରକୁ ଆଲୋକିତ କରିପାରିବି ନାହିଁ। ଏଥିପାଇଁ ମୋତେ ଆଲୋକର ବ୍ୟବସ୍ଥା କରିବାକୁ ପଡ଼ିବ। ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ କରି କହିଥିଲେ ଯେ, ପରିବାର ଓ ସମାଜପାଇଁ ବଞ୍ଚିବା ଓ ଦାୟିତ୍ୱଗ୍ରହଣ କରିବାର ସମୟ ଆସିଯାଇଛି। ତୁମେମାନେ ସମାଜରୁ ବହୁତ କିଛି ପାଇଛ ଏବେ ଫେରାଇବା ସମୟ। ଜୀବନରେ ଗୋଟିଏ ଲକ୍ଷ୍ୟ ରଖ ଓ ତାହାକୁ ଅନୁସରଣ କରି ଅଗ୍ରସର ହୁଅ। ଭାରତନାଟ୍ୟଶାସ୍ତ୍ରରୁ ଉଦ୍ଧୃତ କରି କହିଥିଲେ। ଯେଉଁଠି ହାତ ଅଛି ସେଇଠି ତୁମର ଦୃଷ୍ଟି ହେବା ଆବଶ୍ୟକ। ଯେଉଁଠି ଦୃଷ୍ଟିଥାଏ ସେଇଠି ଭାବ ଓ ମନ ଥାଏ, ମନ ଓ ଭାବ ଯେଉଁଠି ଥାଏ ସେଇଠୁ ଜୀବନରେ ରସ ନିଷ୍ପନ୍ନ ହୁଏ। ମୋଟା ଦରମା ଓ ବିଳାସପୂର୍ଣ୍ଣ ଜୀବନରୁ ଖୁସି ମିଳେନାହିଁ। ଆମେ ଅନେକ ସମୟ ଯାହାର ଅସ୍ତିତ୍ୱ ନାହିଁ ତା ପଛରେ ଧାଉଁ। ବ୍ୟାବହାରିକ ଜ୍ଞାନ ବିଷୟରେ ଉଲ୍ଲେଖ କରି ପୋଥିଗତ ବିଦ୍ୟାରୁ ଦୈନନ୍ଦିନ ଜୀବନର ଅନୁଭୂତି ହିଁ ସବୁଠାରୁ ଅଧିକ ଉପଯୋଗୀ, ଜୀବନରେ ସଫଳ ହେବାକୁ ହେଲେ ନମନୀୟ ଓ ଗ୍ରହଣଶୀଳ ହେବାକୁ ପଡ଼ିବ ବୋଲି କହିବା ସହ ପ୍ରତ୍ୟେକଙ୍କ ମଧ୍ୟରେ ଥିବା ଗାନ୍ଧୀଙ୍କୁ ଜୀବିତ କରିବାକୁ ପଡ଼ିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ।

କୁଳାଧିପତି ପ୍ରଫେସର ଗଣେଶୀ ଲାଲ ନିଜ ସଭାପତିତ୍ୱ ଅଭିଭାଷଣରେ କହିଥିଲେ ଯେ, ନୈସର୍ଗୀକ ବିଚାରଧାରା ଓ ଅଧ୍ୟାତ୍ମବୋଧ ଉପରେ ଆଲୋକପାତ କରିଥିଲେ।ଶିକ୍ଷା ପୁନରଭ୍ୟୁଦୟ ଓ ପୁନର୍ଜାଗରଣର ମାଧ୍ୟମ। ଏହା ସବୁଠାରୁ ଅଧିକ ସମ୍ବଳପୂର୍ଣ୍ଣ ସମ୍ପତ୍ତି। ସଂକୀର୍ଣ୍ଣତାରୁ ଉପରକୁ ଉଠି ସାମଗ୍ରିକତା ଗ୍ରହଣ କରିବା ହେଉଛି ଶିକ୍ଷା। ଭାରତକୁ ଜୀବିତ ଦେବୀ ଭାବେ ବର୍ଣ୍ଣନା କରିବା ସହ ମୁକ୍ତ ଓ ସୌନ୍ଦର୍ଯ୍ୟର ଖୁବ୍ ସୁନ୍ଦର ବ୍ୟାଖ୍ୟ କରିଥିଲେ। ଭାରତର ବେଦାନ୍ତୀୟ ଦର୍ଶନ ହେଉଛି ବିଭିନ୍ନତାର ଏକତାର ସମନ୍ୱୟ। ଗ୍ରହଣୀୟତା ଓ ଆତ୍ମୀୟତା ଆମର ଜିନ୍‌ରେ ଅଛି। ଭାରତୀୟ ସଂସ୍କୃତି ପ୍ରତ୍ୟେକଙ୍କୁ ପରିପାଳନ କରି ଆସିଛି। ଏକତାରେ ଅନେକତା ଓ ଅନେକତାରେ ଏକତା ହେଉଛି ଭାରତର ପରିଚୟ। ଧନ ଓ ଶକ୍ତି ଚିରସ୍ଥାୟୀ ନୁହେଁ। ଆପଣ ନିଜେ ହିଁ ସମସ୍ତଙ୍କୁ ସ୍ୱୀକାର କରିବା ଓ ଭଲପାଇବା ଆବଶ୍ୟକ। ଭଗବାନ କହନ୍ତି ମୁଁ ସମସ୍ତଙ୍କ ପ୍ରାଣରେ ଅଛି। ହେଲେ କିଛି ଲୋକ ଭିତରର ଦିବ୍ୟତା ଅନୁଭବ ନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରି ଈଶ୍ୱର କଣିକା ଖୋଜିବାରେ ସମୟ ନଷ୍ଟ କରନ୍ତି। ହେଲେ ପ୍ରକୃତ ଶିକ୍ଷା ବ୍ୟକ୍ତିକୁ ଆତ୍ମ ପରିଚୟର ଯାତ୍ରାରେ ନେଇଯାଏ ବୋଲି ରାଜ୍ୟପାଳ କହିଥିଲେ। ପ୍ରାରମ୍ଭରେ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ଡ.ଶ୍ରୀକାନ୍ତ ମହାପାତ୍ର ସ୍ୱାଗତଭାଷଣ ଓ ପ୍ରାରମ୍ଭିକ ସୂଚନା ଦେବା ବେଳେ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି, ଶିକ୍ଷଣୀୟ ଓ ଆନୁସଙ୍ଗିକ ସ୍ଥିତି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ପ୍ରଫେସର ଉପାଧ୍ୟାୟ ୧୫ଜଣ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ। ଏହାବ୍ୟତୀତ ଡିଗ୍ରୀ, ଡିପ୍ଲୋମା ପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ପରିଚାଳନା ବୋର୍ଡ ସଦସ୍ୟ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସୁରେଶ ଚନ୍ଦ୍ର ଗର୍ଗ, ସୁରଜିତ ମିଶ୍ର, ପ୍ରଫେସର ମୃଣାଳ ଚାଟାର୍ଜୀ, ଅନ୍ତର୍ଯ୍ୟାମୀ ପଣ୍ଡା ମଞ୍ଚାସୀନ ଥିଲେ। ଶେଷରେ କୁଳସଚିବ ଡ.ମାନସ ରଞ୍ଜନ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

୧୫ଜଣଙ୍କୁ ସ୍ୱର୍ଣ୍ଣପଦକ